# ଓଡ଼ିଶାର ପୁରପଲ୍ଲୀରେ କଣ୍ଢେଇ ନାଟ ଏକ ଜୀବନ୍ତ ସଂସ୍କୃତି

## ଆରମ୍ଭ ହେଲା 'ଜାତୀୟ କଣ୍ଢେଇ ନାଟ ଉତ୍ସବ'

ଭୁବନେଶ୍ୱର,୧୮।୧୨
(ସୌମ୍ୟରଞ୍ଜନ ରାଉତ)





ଉତ୍ସବରେ ପରିବେଷିତ କଣ୍ଢେଇ ନାଚ ଓ ଅତିଥିମାନେ ଜଣେ କଣ୍ଢେଇ ନାଟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସଂସ୍କୃତି ଯାତ୍ରା 'ଜାତୀୟ କଣ୍ଢେଇ ନାଟ ଉତ୍ସବ' ଗୁରୁବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଛି। ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଯୋଗଦେଇ କହିଲେ, କଣ୍ଢେଇ ନାଟକୁ ନେଇ ଓଡ଼ିଶାରେ ପ୍ରଥମଥର ଏହିଭଳି ସର୍ବଭାରତୀୟ ଉତ୍ସବ ଆୟୋଜନ କରାଯାଇଛି। କଣ୍ଢେଇନାଟ କେବଳ ମନୋରଞ୍ଜନ ନୁହେଁ, ଶିକ୍ଷାଦାନ, ସମାଜ ପରିବର୍ତ୍ତନ ଓ ବ୍ୟକ୍ତି ସୃଜନଶୀଳତାର ଅନ୍ୟତମ ମାଧ୍ୟମ। ଅନ୍ୟତମ ଅତିଥି ଭାବେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ କହିଲେ, ଓଡ଼ିଶାର ପୁରପଲ୍ଲୀରେ କଣ୍ଢେଇନାଟ ଏକ ଜୀବନ୍ତ ସଂସ୍କୃତି। ଓଡ଼ିଶାରେ ବଞ୍ଚି ରହିଥିବା ଚାରି ପ୍ରକାର କଣ୍ଢେଇନାଟ ସମ୍ପର୍କରେ ସେ କହିଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହିଅବସରରେ ଓଡ଼ିଶା ସମେତ କେରଳ, କର୍ଣ୍ଣାଟକ, ରାଜସ୍ଥାନ ଓ ପଶ୍ଚିମବଙ୍ଗରୁ କଣ୍ଢେଇନାଟ ଦଳ ଅଂଶଗ୍ରହଣ କରିଥିଲେ। ଏହି ସଂସ୍କୃତିଯାତ୍ରାର ଆରମ୍ଭ ପର୍ବରେ ଅନୁଗୋଳ ଜିଲାର ଖମାରସ୍ଥିତ ଶ୍ରୀରାମ ଛାୟାନାଟକ ଗବେଷଣା ପରିଷଦ ଦ୍ୱାରା ପରିବେଷିତ ହୋଇଥିଲା ଛାୟା ନାଟକ 'ବନ୍ଦେ ମାତରମ୍'। ୭ ମିନିଟ୍‌ର ଏହି ନାଟକ ଦର୍ଶକଙ୍କ ମନରେ ଦେଶାତ୍ମବୋଧକ ଭାବନା ଭରିଦେଇଥିଲା। ପରେ କେନ୍ଦ୍ରାପଡ଼ାର ପରମେଶ୍ୱର ସିଂ 'ସଖୀ କଣ୍ଢେଇନାଟ', ଗୋପଲୀଳା କଣ୍ଢେଇନାଟ ଭଞ୍ଜନଗରର ଗୌରାଙ୍ଗ ଚରଣ ଦାସ 'ଗୋପଲୀଳା କଣ୍ଢେଇ ନାଟ', ଶ୍ରୀରାମ ଛାୟା ନାଟକ ଗବେଷଣା ପରିଷଦ ଖମାରର ଗୌରାଙ୍ଗ ଚରଣ ଦାଶ 'ଛାୟା ନାଟକ', କେନ୍ଦୁଝରର ଜଡ଼ିପଦାର ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ ପକ୍ଷରୁ ଚକ୍ରଧର ପରିଡ଼ା 'କାଠି କଣ୍ଢେଇ ନାଚ' ପରିବେଷଣ କରିଥିଲେ। ସେହିପରି କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ପଶ୍ଚିମବଙ୍ଗ ଚବିଶ ପ୍ରଗଣାର ଅମରେନ୍ଦ୍ରନାଥ ନସ୍କରଙ୍କ 'ସମକାଳୀନ କଣ୍ଢେଇନାଟ' ଏବଂ କର୍ଣ୍ଣାଟକର ଗୁଣ୍ଡୁ ରାଜୁଙ୍କ 'ଛାୟା ନାଟକ' ପରିବେଷଣ।



ପୋଲିସର ମନୋବଳ ଓ ଉତ୍ସାହ ବୃଦ୍ଧି ସହ ସେମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ ସ୍ୱରୂପ ଗୁରୁବାର ୭ମ ବାଟାଲିଅନରେ ଆୟୋଜିତ 'ନମନ' କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଉପସ୍ଥିତ ଅଛନ୍ତି ଡିଜିପି ୱାଇ. ବି. ଖୁରାନିଆ, କମିଶନର ସୁରେଶ ଦେବଦତ୍ତ ସିଂ, ଏମ୍‌ଜିଏମ୍‌ର ପଙ୍କଜ ମହାନ୍ତି ଓ ଅଭିନେତା ସବ୍ୟସାଚୀ ମିଶ୍ର।

# ୧୮ ଜେଲରେ ଲାଗିବ ହାଇସିକ୍ୟୁରିଟି ଏଆଇ କ୍ୟାମେରା

ଭୁବନେଶ୍ୱର,୧୮।୧୨(ତ୍ରିନାଥ ମହାନ୍ତି)

ଚୌଦ୍ୱାର ଜେଲରୁ ଦୁଇଜଣ ହାର୍ଡକୋର୍ କଏଦୀ ଫେରାର ହୋଇଥିବାବେଳେ ରାଜ୍ୟର ବିଭିନ୍ନ ଜେଲରୁ ଏକାଧିକ କଏଦୀ ଚମ୍ପଟ ମାରିଥିବାର ଅନେକ ନଜିର ରହିଛି। ଏପରି ସ୍ଥିତିରେ ବିଳମ୍ବରେ ହେଲେ ବି ଏବେ ଜେଲ ସୁରକ୍ଷା ବଢ଼ାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥର ମାନବ ସମ୍ବଳ ଅପେକ୍ଷା ଜେଲ ବିଭାଗ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଇଛି। ଜେଲ ପାଚେରିରେ ଲାଗିବ ଅତ୍ୟାଧୁନିକ ଏଆଇ କ୍ୟାମେରା। ପ୍ରାଥମିକ ପର୍ଯ୍ୟାୟରେ ୧୮ ଜେଲରେ ଏହି କ୍ୟାମେରା ଲାଗିବାକୁ ସ୍ଥିର ହୋଇଛି। ଏଥିପାଇଁ ୨୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ବିଶେଷକରି ଝାରପଡ଼ା, ଚୌଦ୍ୱାରା, ବ୍ରହ୍ମପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ରାଉରକେଲା, ବରଗଡ଼ ଭଳି ଅତି ସମ୍ବେଦନଶୀଳ ଜେଲରେ ପ୍ରଥମେ ଏଆଇ କ୍ୟାମେରା ଲାଗିବ। ଏହା ସଫଳ ହେବା ପରେ ରାଜ୍ୟର ବାକି ଜେଲରେ ଏପରି ଅତ୍ୟାଧୁନିକ କ୍ୟାମେରା ଲଗାଯିବ। ଯଦି କୌଣସି କଏଦୀ ୱାର୍ଡ଼ରୁ ଖସି ଜେଲ ପାଚେରି ଚଢ଼ି ଫେରାର ହେବାକୁ ଉଦ୍ୟମ କରନ୍ତି, ତେବେ ଲାଗିଥିବା ଏଆଇ କ୍ୟାମେରା ଏହାର ଭିଡିଓକୁ ତୁରନ୍ତ ସେନ୍‌ସର ମାଧ୍ୟମରେ କଏଦ କରିବା ପରେ ଲାଗିଥିବା ସାଇରନ୍ ଖୁବ୍ ଜୋରରେ ବାଜି ଉଠିବ। ଫଳରେ ସାଇରନ୍ ଶୁଣି ଜେଲ କର୍ତ୍ତୃପକ୍ଷ ଏବଂ କର୍ମଚାରୀ ଆଲର୍ଟ ହୋଇଯିବେ। ତୁରନ୍ତ କଏଦୀ ଡେଉଁଥିବା ପାଚେରୀ ନିକଟକୁ ଦୌଡ଼ି ଯାଇ ଫେରାର ହେବାକୁ ଉଦ୍ୟମ କରୁଥିବା କଏଦୀଙ୍କୁ କାବୁ କରିପାରିବେ। ଏହି ଏଆଇ କ୍ୟାମେରା ପରିଚାଳନା କରିବାକୁ ଏକ ମନିଟରିଂ ରୁମ୍ ରହିଛି। ଏଥିରେ ମାସ ମାସ ଧରି ଡାଟା ଷ୍ଟୋରେଜ

### ପାଚେରି ଚଢ଼ିଲେ ତୁରନ୍ତ ବାଜିବ ସାଇରନ୍

କରିବା ଭଳି କ୍ଷମତା ରହିବ। ଆହୁରି ମଧ୍ୟ ରାତି ସମୟରେ ଏହି ଏଆଇ କ୍ୟାମେରା ଅତି ସ୍ପଷ୍ଟ ଭାବେ ଭିଡ଼ିଓ ଉତ୍ତୋଳନ କରିବା ସହ ସେନ୍‌ସର ମାଧ୍ୟମରେ ପାଚେରିକୁ କେହି ସ୍ପର୍ଶ କଲେ ସାଇରନ୍ ବାଜି ଉଠିବ। ନିକଟରେ ଚୌଦ୍ୱାର ଜେଲରୁ ଦୁଇଜଣ ବିହାରୀ ହାର୍ଡକୋର୍ କଏଦୀ ପାଚେରୀ ଡେଇଁ ଫେରାର ହେବା ପରେ ଜେଲ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ରାଜ୍ୟରେ ଥିବା ଏକାଧିକ ଜେଲର ପାଚେରି ଉଚ୍ଚତା କମ୍ ରହିଥିବାରୁ କଏଦୀ ଫେରାର ହେବାର ସମ୍ଭାବନା ରହିଛି। ତେଣୁ କମ୍ ସମୟରେ ପାଚେରି ଉଚ୍ଚତା ବଢାଇବା ଜେଲ ବିଭାଗ ପକ୍ଷରୁ ସମ୍ଭବ ନୁହେଁ। ତେଣୁ ଜେଲ ବିଭାଗ ଏକାଧିକ ବୈଷୟିକ ସଂସ୍ଥା ସହ ଆଲୋଚନା କରିବା ପରେ ଅତ୍ୟାଧୁନିକ ଏଆଇ କ୍ୟାମେରା ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି।

# ମିଲ୍‌କୁ ଧାନ ନେଉଥିବା ଗାଡ଼ି ଉପରେ ତୀକ୍ଷ୍ଣ ନଜର: ମନ୍ତ୍ରୀ

ଭୁବନେଶ୍ୱର, ୧୮।୧୨ (ସୁନିତ୍ ମିଶ୍ର)

ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଏହାକୁ ଶୃଙ୍ଖଳିତ ଏବଂ ସୁସଙ୍ଗଠିତ କରିବାକୁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ପ୍ରସ୍ତୁତି, ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ସବୁ ଜିଲାର ଯୋଗାଣ ଅଧିକାରୀମାନେ ଯୋଗ ଦେଇଥିଲେ। ବାହାର ରାଜ୍ୟର ଧାନ ଯେଭଳି ରାଜ୍ୟ ମଧ୍ୟକୁ ନ ଆସେ ସୀମାନ୍ତ ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନଜର ରଖିବା ଏବଂ ମଣ୍ଡିରୁ ମିଲ୍‌କୁ ଧାନ ନେଇ ଯାଉଥିବା ଗାଡି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିବାର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ବୈଠକ ଆରମ୍ଭରୁ ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂ ରାଜ୍ୟର ଧାନକିଣା ସମ୍ପର୍କରେ ଅବଗତ କରାଇଥିଲେ। ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ଓ ଟୋକନ ପ୍ରଦାନ ଉପରେ ବୈଠକରେ ଆଲୋଚନା ହୋଇଛି। ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି। ପର୍ଯ୍ୟାୟକ୍ରମେ ସ୍ଥାନୀୟ ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଜିଲାରେ ଧାନ ସଂଗ୍ରହ କରାଯିବ। ଏହା ବ୍ୟତୀତ ପିସି-ସାପ୍ ଆପ୍ ମାଧ୍ୟମରେ ମଣ୍ଡିରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ଜିଲା ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ଯୋଗ୍ୟ ଚାଷୀ ଯେପରି ଦାନ ସଂଗ୍ରହ ପ୍ରକ୍ରିୟାରୁ ବାଦ୍ ନ ପଡନ୍ତି ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ମଣ୍ଡି ନୋଡାଲ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀ ନିୟୋଜିତ କରିବାକୁ ମଧ୍ୟ ବ୍ୟବସ୍ଥା କରିବା ଲାଗି କୁହାଯାଇଛି। ସେହିଭଳି ମଣ୍ଡି ମନିଟରିଂ ସିଷ୍ଟମ ଆପ୍ ବ୍ୟବହାରକରି ସମ୍ପୃକ୍ତ ତଥ୍ୟ ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ବାରଙ୍ଗ,୧୮।୧୨(ଲିଙ୍ଗରାଜ ରାଉତ)

ଜଣେ ନାବାଳିକାଙ୍କୁ ଅନ୍‌ଲାଇନ ମାଧ୍ୟମରେ ପ୍ରେମ ଜାଲରେ ଫସାଇ ସହ ଅପହରଣ କରାଯାଇଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ପଥରପେଣ୍ଠ ଅଞ୍ଚଳର ଶକ୍ତି ମଲ୍ଲିକ। ଏନେଇ ପୋଲିସ ଏକ ମାମଲା (ନଂ. ୬୭୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶକ୍ତି ସମ୍ପୃକ୍ତା ନାବାଳିକାଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଚାଟିଂ କରି ପ୍ରେମ ସମ୍ପର୍କ ବଢ଼ାଇବା ସହ ବିବାହ ପ୍ରସ୍ତାବ ଦେଇଥିଲେ। ମାତ୍ର ପରିବାରର ବିନା ସମର୍ଥନରେ ନାବାଳିକା ଜଣଙ୍କ ବିବାହ କରିବା ପାଇଁ ରାଜି ହୋଇ ନ ଥିଲେ। ଏନେଇ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଡିସେମ୍ବର ୧ ତାରିଖରେ ବାରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଉଭୟଙ୍କୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଏକ ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଗୁରୁବାର ସକାଳେ ନାବାଳିକାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଶକ୍ତିଙ୍କୁ କାବୁ କରିଛି।

# ୪ ଇନ୍ସପେକ୍ଟରଙ୍କୁ ମିଳିଲା ଦାୟିତ୍ୱ

ଭୁବନେଶ୍ୱର,୧୮।୧୨(ତ୍ରିନାଥ ମହାନ୍ତି)

ପଦୋନ୍ନତି ପାଇଥିବା କମିଶନରେଟ ପୋଲିସର ୪ଜଣ ଇନ୍ସପେକ୍ଟରଙ୍କୁ ମିଳିଛି ଦାୟିତ୍ୱ। ୩ଜଣଙ୍କୁ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଥିବା ଜଣେ ଇନ୍ସପେକ୍ଟରଙ୍କୁ ଆଉଟ୍‌ପୋଷ୍ଟ ଦାୟିତ୍ୱ ମିଳିଛି। ଚନ୍ଦ୍ରଶେଖରପୁର ଥାନାରେ ଏସ୍‌ଆଇରୁ ପଦୋନ୍ନତି ପାଇଥିବା ଇନ୍ସପେକ୍ଟର ସୁଶ୍ରୀ ଶ୍ରମିଷ୍ଠା ସୁନାଙ୍କୁ ଲିଙ୍ଗରାଜ ଥାନାଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ସାଇବର ଥାନାରେ ଥିବା ଜ୍ୟୋତିରଞ୍ଜନ ପରିଡ଼ାଙ୍କୁ ସାଇବର ଥାନାର ଇନ୍ସପେକ୍ଟର ଦାୟିତ୍ୱ ମିଳିଛି। ବଡ଼ଗଡ଼ ଥାନାରେ ଥିବା ଦିବ୍ୟସ୍ମିତା ବଳିଆର ସିଂଙ୍କୁ ଉକ୍ତ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ସିପି ମୁଖ୍ୟାଳୟରେ ଥିବା ପ୍ରସନ୍ନ ଜେନାଙ୍କୁ ବାଳକାଟୀ ଆଉଟ୍ ପୋଷ୍ଟରେ ଅବସ୍ଥାପିତ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାବୁ



@ ଗୋବର୍ଦ୍ଧନ



@ ସାଇ



@ ସୂର୍ଯ୍ୟକାନ୍ତ



@ ବିକାଶ



@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ

# ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ବୁଲୁଛି ଆହତ ହାତୀ

ଭୁବନେଶ୍ୱର, ୧୮।୧୨
(ବନ୍ଦନା ସେଠୀ/ଲିଙ୍ଗରାଜ ରାଉତ)

- ଟ୍ରାଙ୍କୁଲାଇଜ୍ ବେଳେ ପଡ଼ିଯାଇ ଫରେଷ୍ଟରଙ୍କ ହାତ ଭାଙ୍ଗିଲା
- ଗୁଳି ମାଡ଼ ଚର୍ଚ୍ଚାକୁ ଖଣ୍ଡନ କଲେ ଡିଏଫ୍‌ଓ
- ଧରିବାକୁ ଆଜି ହେବ ଜଏଣ୍ଟ୍ ଅପରେଶନ୍



ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଭାଲୁଙ୍କା ଗ୍ରାମ ନିକଟ ଜଙ୍ଗଲରେ ଏକ ଦନ୍ତା ହାତୀ ବୁଲୁଛି। ବିରାଟକାୟ ଦନ୍ତା ହାତୀର ବାମ ଗୋଡଟି ଫୁଲିଯାଇଥିବା ଦେଖିବାକୁ ମିଳିଛି। ଫଳରେ ସେ ଛୋଟେଇ ଛୋଟେଇ ଚନ୍ଦକା ରେଞ୍ଜ ଅଞ୍ଚଳରେ ବୁଲୁଛି। ବୁଧବାର ହାତୀଟିକୁ ଠାବ କରାଯାଇଥିଲେ ହେଁ ତାକୁ ଟ୍ରାଙ୍କୁଲାଇଜ୍ କରିବାରେ ବନ ବିଭାଗ ସଫଳ ହୋଇପାରି ନାହିଁ। ଗୁରୁବାର ଟ୍ରାଙ୍କୁଲାଇଜ୍ କରିବାକୁ ଚେଷ୍ଟା କରିବାବେଳେ ବନ ବିଭାଗକୁ ନାକେଦମ୍ ହେବାକୁ ପଡିଛି। ଏପରିକି ଟ୍ରାଙ୍କୁଲାଇଜ୍ ସମୟରେ ଚନ୍ଦକା ଫରେଷ୍ଟର ଦୀପକ ନାୟକ ତଳେ ପଡିଯିବାରୁ ତାଙ୍କ ବାମ ହାତ ଭାଙ୍ଗିଯିବା ସହିତ ବାମ ଗୋଡରେ ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବହୁ ଚେଷ୍ଟା ପରେ ମଧ୍ୟ ହାତୀକୁ କାବୁ କରାଯାଇ ପାରି ନ ଥିଲା ଏବଂ ସନ୍ଧ୍ୟା ହୋଇଯିବାରୁ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଫେରି ଯାଇଥିଲେ। ଶୁକ୍ରବାର ସକାଳେ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯିବ ବୋଲି ଚନ୍ଦକା ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ଶିକାର ପାଇଁ ହାତୀ ଗୋଡକୁ ଗୁଳି କିମ୍ବା ତୀର ମରାଯାଇଥିବା ପ୍ରଥମେ ଚର୍ଚ୍ଚା ହେଉଥିବାବେଳେ ଡିଏଫ୍ ଏହାକୁ ଖଣ୍ଡନ କରିଛନ୍ତି। ହାତୀ ଗୋଡରେ ପୂର୍ବରୁ ଆଦିବାସୀମାନଙ୍କ ଦ୍ୱାରା ବ୍ୟବହୃତ ଝଡ୍‌ରା (ବାରୁଦ ଗୁଳି) ବାଜିଥିବ, ଯାହାକି ସମୟକ୍ରମେ ସଂକ୍ରମିତ ହୋଇଥାଇପାରେ। କଷ୍ଟ ପାଇଁ ହାତୀଟି ଅତି ଧୀରେ ଧୀରେ ଚାଲୁଛି ବୋଲି ସେ କହିଛନ୍ତି। ହାତୀକୁ କାବୁ କରିବା ପାଇଁ ଶୁକ୍ରବାର ବନ ବିଭାଗ, ନନ୍ଦନକାନନ, ଓୟୁଏଟିର ଅଧିକାରୀମାନଙ୍କୁ ନେଇ ୨୦/୩୦ଜଣିଆ ଟିମ୍ ପ୍ରସ୍ତୁତ କରିବା ସହ ଜଏଣ୍ଟ ଅପରେଶନ କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦନ୍ତାଟି ଭାଲୁଙ୍କା ଗ୍ରାମ ନିକଟ ଜଙ୍ଗଲରେ ବୁଲୁଥିବା କେତେଜଣ ଗ୍ରାମବାସୀ ଦେଖିଥିଲେ। ଫସଲ ନଷ୍ଟ କରିବା ଉଦ୍ଦେଶ୍ୟରେ ହାତୀଟି ଜଙ୍ଗଲରୁ ଚାଲି ଆସିଥିବା ଅନୁମାନ କରି ସଂଘବଦ୍ଧ ହୋଇ ଦନ୍ତାକୁ ଘଉଡ଼େଇବା ପାଇଁ ସ୍ଥାନୀୟ ଲୋକେ ଚେଷ୍ଟା କରିଥିଲେ। ମାତ୍ର ଦନ୍ତା ହାତୀଟି ସେଠାରୁ ଅଳ୍ପ ବାଟ ଯାଇଥିଲେ ମଧ୍ୟ ଦୂରକୁ ଯାଇପାରି ନ ଥିଲା। ହାତୀ ଦାନ୍ତ ପାଇଁ କେହି ଗୁଳି କରିବାରୁ ଠିକ୍ ଭାବେ ଚାଲି ପାରୁ ନ ଥିବା ଅନୁମାନ କରି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ ପକ୍ଷରୁ ୪ଟି ଟିମ୍ କରାଯାଇ ଅସୁସ୍ଥ ହାତୀକୁ ଠାବ କରିବା ସହ ଡ୍ରୋନ ସାହାଯ୍ୟରେ ହାତୀର ଗତିବିଧି ନିରୀକ୍ଷଣ ଆରମ୍ଭ ହୋଇଥିଲା। ତେବେ ଚିକିତ୍ସା ପାଇଁ ହାତୀକୁ କାବୁ କରିବା ଲାଗି ବନ ବିଭାଗକୁ ନାକେଦମ୍ ହେବାକୁ ପଡିଥିଲା। ଏକ ହାତୀ ଦଳ ଆହତ ଦନ୍ତାକୁ ଘେରି ରହିଥିବାରୁ ଟ୍ରାଙ୍କୁଲାଇଜ୍ ହୋଇପାରି ନ ଥିବା କୁହାଯାଉଛି।

# କଳିଙ୍ଗ ହସ୍ପିଟାଲରେ ଆଧୁନିକ ଏସ୍ଥେଟିକ ଓ କସ୍ମେଟିକ କ୍ଲିନିକ ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱରରେ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ଆଧୁନିକ ଏସ୍ଥେଟିକ ଓ କସ୍ମେଟିକ କ୍ଲିନିକ୍ ଖୋଲିଛି। ଓଡ଼ିଶାର ଲୋକଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ଓ ଉଚ୍ଚମାନର ଏସ୍ଥେଟିକ ଚିକିତ୍ସା ସେବା ପ୍ରଦାନ ଲକ୍ଷ୍ୟରେ ସ୍ଥାପିତ ଏହି କ୍ଲିନିକ୍‌କୁ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ଅଭିନେତା ହରିହର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଳିଙ୍ଗ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଏସ୍. ସନ୍ତୋଷ କୁମାର ଡୋରା, ମୁଖ୍ୟ ଆର୍ଥିକ ଅଧିକାରୀ ଏନ୍. ସି. ସ୍ୱାଇଁ, ଅପରେଶନ ମୁଖ୍ୟ ନରେନ୍ଦ୍ର ଶତପଥୀ, କସ୍ମେଟିକ ଓ ଏସ୍ଥେଟିକ କନ୍‌ସଲ୍‌ଟାଣ୍ଟ ଡା. ମୋନାଲିସା ମହାପାତ୍ରଙ୍କ ସହିତ ହସ୍ପିଟାଲର ବରିଷ୍ଠ ଡାକ୍ତର, ପ୍ରବନ୍ଧନ ସଦସ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କ୍ଲିନିକ ଆଧୁନିକ ପ୍ରଯୁକ୍ତି ସହିତ ଚର୍ମ, କେଶ ଏବଂ ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନପ୍ରକାରର ଏସ୍ଥେଟିକ ଓ କସ୍ମେଟିକ ଚିକିତ୍ସା ସେବା ପ୍ରଦାନ କରିବ।

**ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ମହୋତ୍ସବ**

**ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକର ସିକୋ କାର୍ତ୍ତିକ ପୂର୍ଣ୍ଣିମା ପଡ଼ିଆରେ ଗତ ରବିବାର ଠାକୁର ଶ୍ରୀଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ମହୋତ୍ସବ ତଥା ସିକୋ ଆଞ୍ଚଳିକ ୨୪ଶ ବାର୍ଷିକ ନାମ ସଂକୀର୍ତ୍ତନ ସତ୍‌ସଙ୍ଗ ଉତ୍ସବ ଗୁରୁଭ୍ରାତା ଓ ମା'ମାନଙ୍କ ମିଳିତ ଉଦ୍ୟମରେ ଏବଂ ଉତ୍ସବ କମିଟି ସଭାପତି ବାଙ୍କନିଧି ସାହୁଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ବେଦ ମାଙ୍ଗଳିକ ଓ ନହବତ, ଉଷା କୀର୍ତ୍ତନ, ସମବେତ ପ୍ରାତଃ ବିନତି ପ୍ରାର୍ଥନା, ସଦ୍‌ଗ୍ରନ୍ଥାଦି ପଠନ, ନଗର କୀର୍ତ୍ତନ ପରିକ୍ରମା, ସଙ୍ଗୀତାଞ୍ଜଳି, ସତ୍‌ସଙ୍ଗ, ସଦାଲୋଚନା, ମାତୃ ସମ୍ମିଳନୀ ସହିତ ଦୀକ୍ଷାପତ୍ର କାର୍ଯ୍ୟକ୍ରମ ଓ ସତ୍‌ଦୀକ୍ଷା କାର୍ଯ୍ୟକ୍ରମ ଦିନ ତମାମ ଚାଲିଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଶୃଙ୍ଖଳିତ ଦର୍ଶନ, ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ

## ମକର ମହୋତ୍ସବ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା/ବେଗୁନିଆ,୧୮।୧୨ (ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)**


ମକର ମହୋତ୍ସବ ପ୍ରସ୍ତୁତି ବୈଠକରେ ବିଧାୟକ ପ୍ରଦୀପ ସାହୁ, ଜନପ୍ରତିନିଧି ଏବଂ ଅଧିକାରୀମାନେ।

ଖୋର୍ଦ୍ଧା ଜିଲା ବାଘମାରୀ ଅବସ୍ଥିତ ଏକାଦଶରୁଦ୍ର ଶ୍ରୀହଟ୍ଟକେଶ୍ୱରଙ୍କ ମକର ମେଳା ଏବଂ ଉଷ୍ମ ପ୍ରସ୍ରବଣଠାରେ ଆସନ୍ତା ଜାନୁଆରୀ ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ମକର ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ବେଗୁନିଆ ବିଧାୟକ ତଥା ମକର ମହୋତ୍ସବ ସମାରୋହ ପାଳନ କମିଟି ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ବେଗୁନିଆ ପଞ୍ଚାୟତ ସମିତି ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତିରେ ଉଷ୍ମ ପ୍ରସ୍ରବଣରେ ସ୍ନାନ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ହଟ୍ଟକେଶ୍ୱରଙ୍କ ଦର୍ଶନ ଏବଂ ଉଷ୍ମ ପ୍ରସ୍ରବଣ ଦହଲ କୁଣ୍ଡରୁ ବନ୍ଧ୍ୟାନାରୀ ଗୁଆ ଖୋଜିବା ପରମ୍ପରା ରହିଛି। ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଆଇନଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ, ଶୂନ୍ୟ ଅଘଟଣ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ତହସିଲଦାର ତଥା ମକର ମହୋତ୍ସବ କମିଟି ସଦସ୍ୟ ଆବାହକ ତାପସ କୁମାର ବିଶି, ବିଡିଓ ତଥା ସଂଯୋଜକ ମକର ମହୋତ୍ସବ କମିଟି ସନ୍ତୋଷ କୁମାର ଜେନା, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଉପ ନିବନ୍ଧକ ଅମିତ୍ କୁମାର ସେଠୀ, ବାଘମାରୀ ଭାରପ୍ରାପ୍ତ ଥାନା ଅଧିକାରୀ ସୁଚିତ୍ରା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ମହାପାତ୍ର ମକର ମେଳା ଐତିହ୍ୟ ଓ ପରମ୍ପରା ହଟ୍ଟକେଶ୍ୱରଙ୍କ ମହିମା, ମକର ମହୋତ୍ସବ ପାଳନ ସମ୍ବନ୍ଧରେ ସୂଚନା ଦେଇଥିଲେ। ପାନୀୟଜଳ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ପରିମଳ ବ୍ୟବସ୍ଥା, ଆଲୋକୀକରଣ ବ୍ୟବସ୍ଥା, ମହୋତ୍ସବ ସ୍ଥଳକୁ ସଂଯୋଗୀକରଣ ରାସ୍ତା ମରାମତି, ଆଇନଶୃଙ୍ଖଳା ଉପରେ ବିଧାୟକ ସମୀକ୍ଷା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, ମହୋତ୍ସବ କମିଟି କର୍ମକର୍ତ୍ତା, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲେରୋ ସହ ସ୍କୁଟି ଜବତ, ୩ ଗିରଫ

## ମାରଣାସ୍ତ୍ର ଦେଖାଇ ସୁନାରୁପା ଅଳଙ୍କାର ଲୁଟ୍ ଘଟଣା

**ନିରାକାରପୁର,୧୮।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଜଙ୍କିଆ ଥାନା ଅଧୀନ ସରପାରି ଗ୍ରାମର ପ୍ରତାପ କୁମାର ସାହୁଙ୍କ ଘରୁ ସୁନା ରୁପା ଅଳଙ୍କାର ଲୁଟ୍ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର କରୁଣାକର ବେହେରା ଓରଫ କଉ, ପୁରୀ ଜିଲା ସଦର ଥାନା ଅଧୀନ ଗୋପୀନାଥପୁର ଗ୍ରାମର ସୁମନ୍ତ ଦାସ ଏବଂ ସୁନୀଲ ଦାସ। ଏମାନଙ୍କ ନିକଟରୁ ଏକ ବୋଲେରୋ (ଓଡି ୦୮କେ ୯୯୦୬) ଏବଂ ଏକ ସ୍କୁଟି (ଓଡି ୦୨ଡିଏ ୯୮୩୦) ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଚୋରି ସୁନା ରୁପା ଅଳଙ୍କାରକୁ ଅଭିଯୁକ୍ତମାନେ ବୋଲଗଡ଼ ଅଞ୍ଚଳରେ ବିକ୍ରି କରିଥିବା ଜଣାପଡ଼ିଛି ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗତ ନଭେମ୍ବର ୧୩ରେ ସରପାରି ଗ୍ରାମର ପ୍ରତାପଙ୍କ ପରିବାରକୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ୮ଭରି ସୁନା ଓ ୨୦ଭରି ରୁପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ପ୍ରତାପ ୧୪ତାରିଖରେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୪୫୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ମା' ଭୂଇଁଆଣୀଙ୍କ ଧନୁଯାତ୍ରା ଉତ୍ସବ ଉଦ୍‌ଯାପିତ


ଧନୁଯାତ୍ରା ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

**ବୋଲଗଡ଼,୧୮।୧୨(ଦେବବ୍ରତ ହୋତା)**

ବୋଲଗଡ଼ ସଦର ପଞ୍ଚାୟତ ନିକଟବର୍ତ୍ତୀ ଡୁବୁରୀ ପାହାଡ଼ ପାଦଦେଶରେ ପୂଜା ପାଉଥିବା ମା' ଭୂଇଁଆଣୀଙ୍କ ୩୫ତମ ଧନୁଯାତ୍ରା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମା'ଭୂଇଁଆଣୀ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ୪ଦିନ ଯାତ୍ରା ଅବସରରେ ପୀଠରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଗହଳି ଲାଗି ରହିଥିଲା। ଅନେକ ଉଠାଦୋକାନୀ ଏଠାରେ ପସରା ମେଲାଇଥିବା ବେଳେ ସ୍ଥାୟୀ ମଣ୍ଡପରେ ବିଭିନ୍ନ ଯାତ୍ରା ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମୟରେ ମା'ଙ୍କ ପୀଠରେ ଯଜ୍ଞ ଆୟୋଜିତ ହୋଇଥିବା ବେଳେ ମା'ଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରି ଭୋଗଖାଇ ଫେରିଥିଲେ। ଯାତ୍ରା ପେଣ୍ଡାଲରେ ବିଭିନ୍ନ ଦିବସରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ପଥୀବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର, ଲୋତକ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ତାରା ପଟ୍ଟନାୟକ, ବାସୁଦେବ ସାହୁ, ମାନସ ବେହେରା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ଦିପନ ବିଶାଳ ପ୍ରମୁଖ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମା'ଙ୍କ ପୀଠରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା।

# ଆନ୍ଦୋଳନ ଚେତାବନୀ ଦେଲା ଓକିଲ ସଂଘ

**ଖୋର୍ଦ୍ଧା,୧୮।୧୨(ପ୍ରଭାତ ପାଣିଗ୍ରାହୀ)**

ଟିପିସିଓଡିଏଲ୍ ଗ୍ରାହକ ଶୋଷଣ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ଖୋର୍ଦ୍ଧା ଓକିଲ ସଂଘ। ବିଦ୍ୟୁତ୍ ବିଲରେ ଆଡିଶନାଲ ବିଲକୁ ନେଇ ସାଧାରଣରେ ଅସନ୍ତୋଷ ତେଜୁଥିବା ବେଳେ ଓକିଲ ସଂଘ ଆନ୍ଦୋଳନ ଧମକ ଦେଇଛି। ଗୁରୁବାର ଖୋର୍ଦ୍ଧା କୋର୍ଟ ପରିସର ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ଏବଂ ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ କହିଥିଲେ ଯେ, ବୁଧବାର ଏ ସଂକ୍ରାନ୍ତରେ ଓକିଲ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା। ଏକ ପ୍ରତିନିଧି ଦଳ ନିର୍ବାହୀ ଯନ୍ତ୍ରୀଙ୍କ ଭେଟି ଏ ସମ୍ପର୍କରେ ଆଲୋଚନା କରିବ। ଗ୍ରାହକ ଶୋଷଣ ପ୍ରତିବାଦରେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଏନେଇ ସଂଘ ପକ୍ଷରୁ ଖୋର୍ଦ୍ଧା ସହରର ସମସ୍ତ ସାମାଜିକ ଅନୁଷ୍ଠାନ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଉପଭୋକ୍ତାଙ୍କୁ ଉତ୍ତମ ସେବା ପରିବର୍ତ୍ତେ କମ୍ପାନୀ ଗ୍ରାହକଙ୍କ ଠାରୁ ଅଧିକ ଟଙ୍କା ଆଦାୟ କରିବାକୁ ଅପଚେଷ୍ଟା କରୁଛି। ଗ୍ରାହକମାନେ ନିୟମିତ ଦେୟ ଦେଉଥିବା ବେଳେ ଅତିରିକ୍ତ ସୁରକ୍ଷା, ଅମାନତ ବୃଦ୍ଧିର କୌଣସି କାରଣ ନାହିଁ। ଘରୋଇ କମ୍ପାନୀ, ନିୟନ୍ତ୍ରକ ସଂସ୍ଥା ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ବିଫଳତା ପାଇଁ ଗ୍ରାହକଙ୍କୁ ଦଣ୍ଡ ଦେବା ସଦୃଶ। ଏହା ଦ୍ୱାରା ଶତାଧିକ ଉପଭୋକ୍ତା ବିଶେଷ ପ୍ରଭାବିତ ହେବେ। ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ଓ ସାର୍ବଜନୀନ ସେବା ଏବଂ ଜନସାଧାରଣଙ୍କ ଜୀବନରେଖା ସଦୃଶ। ଏଭଳି ଜନବିରୋଧୀ କାର୍ଯ୍ୟକୁ ଓକିଲ ସଂଘ ବରଦାସ୍ତ କରିବା ନାହିଁ, ଏହାର ଜୋରଦାର ବିରୋଧ କରାଯିବ ବୋଲି ସଭାପତି ମିଶ୍ର ଓ ସମ୍ପାଦକ ସ୍ୱାଇଁ କହିଛନ୍ତି।

# ୫୭ ହିତାଧିକାରୀଙ୍କୁ ମିଳିଲା ରାଶନକାର୍ଡ


ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜଣେ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରୁଛନ୍ତି।

**କୃଷ୍ଣପ୍ରସାଦ, ୧୮।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର କୃଷ୍ଣପ୍ରସାଦ ଗସ୍ତ କରିଥିଲେ। ପୂର୍ବାହ୍ନ ୧୦ଟାରେ ମନ୍ତ୍ରୀ ପାତ୍ର ସାତପଡ଼ାରେ ପହଞ୍ଚିବା ପରେ ବିଧାୟିକା ଉପାସନା ମହାପାତ୍ର ଦଳୀୟ କର୍ମୀଙ୍କ ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ପହଞ୍ଚି ପରିଦର୍ଶନ କେନ୍ଦ୍ର ବୁଲି ସ୍ଥିତି ପରଖିଥିଲେ। ସେଠାରୁ ବୋଟ ଯୋଗେ ଚିଲିକା ଦିପ ମଧ୍ୟରେ ଥିବା ମତ୍ସଜୀବୀ ଗ୍ରାମ ବ୍ରହ୍ମପୁର ଜେଟି ନିକଟରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବ୍ଲକ ଯୋଗାଣ ଅଧିକାରୀ ସଞ୍ଜୁ ଦର୍ଶନ ଦାସଙ୍କ ଦ୍ୱାରା ଆୟୋଜିତ ନୂତନ ରାଶନକାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଧାୟିକା ମହାପାତ୍ର ଯୋଗଦେଇଥିବା ବେଳେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ରାଶନ କାର୍ଡ ପାଇଁ ଆବେଦନ କରିଥିବା ୮୬ ଆବେଦନକାରୀଙ୍କ ମଧ୍ୟରୁ ୫୭ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଉତ୍ତମ ତରେଇ, ହରିହର ଦାଶ, ପ୍ରଦୀପ୍ତ ବେହେରା, ସଂଗ୍ରାମ କେଶରୀ ଜେନା, ବିଶ୍ୱଜିତ୍ ବିଶ୍ୱାଳ, ସଞ୍ଜୟ କୁମାର ସେଠୀ, ଇଂ.ମଳୟ କୁମାର ଜେନା, ସରୋଜ କୁମାର ଲେଙ୍କା, ବିଷ୍ଣୁ ପ୍ରିୟା ବିଶ୍ୱାଳ, ବୀଣାପାଣି ପ୍ରଧାନ, ପ୍ରଦୀପ ଜେନା, ରଶ୍ମିତା ସାମନ୍ତରାୟ, ସନ୍ତୋଷ କୁମାର ଜେନା, ସଞ୍ଜୀବ କୁମାର ସାହୁ, ନିର୍ମଳ କୁମାର ମହାପାତ୍ର, ରବି ନାରାୟଣ ଭଞ୍ଜ, ବିକାଶ ସେଠୀ, ତୀର୍ଥ ତଥାଗତ ଆଇଚ, ବିଶ୍ୱନାଥ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଖଣି ପୋଖରୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବାଘମାରୀ,୧୮।୧୨ (ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ଥାନା ଅଟ୍ରି ଅଞ୍ଚଳର ବସନ୍ତ ନାଏକ (୪୮) ବୁଧବାର ନିଖୋଜ ଥିଲେ। ଅପରାହ୍ନରେ ସାହି ଲୋକଙ୍କଠାରୁ ଖବରପାଇ ଅଟ୍ରି ରେଲୱେ ଲେବଲ କ୍ରସିଂ ନିକଟ ଖଣି ପୋଖରୀରେ ବେଗୁନିଆ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲା। ଗଭୀର ପାଣି ଏବଂ ରାତି ହୋଇଯିବାରୁ ଖୋଜିବାରେ ସମ୍ଭବ ହୋଇ ନ ଥିଲା। ଗୁରୁବାର ସକାଳେ ବେଗୁନିଆ ଅଗ୍ନିଶମ ବାହିନୀ ଉକ୍ତ ଖଣି ପୋଖରୀରୁ ବସନ୍ତଙ୍କ ମୃତଦେହ ଜବତ କରିଛି। ପରିବାର ପକ୍ଷରୁ ବାଘମାରୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାବୁ


@ ଗୋବର୍ଦ୍ଧନ


@ ସାଇ


@ ସୂର୍ଯ୍ୟକାନ୍ତ


@ ବିକାଶ


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା କଂଗ୍ରେସର ବିକ୍ଷୋଭ ସମାବେଶ




**ଖୋର୍ଦ୍ଧା,୧୮।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଏକ ବିଶାଳ ବିକ୍ଷୋଭ ସମାବେଶ ଜିଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ସମବାୟ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଭାଜପା ସରକାରର ମନମୁଖୀ ଶାସନ, ଇଡି, ସିବିଆଇ ଭଳି ସାମ୍ବିଧାନିକ ସଂସ୍ଥାର ଦୁରୁପଯୋଗ କରି ବିରୋଧୀ ଦଳର ନେତାମାନଙ୍କୁ ହଇରାଣ ସହ ସେମାନଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପ୍ରତିବାଦରେ ଏହି ବିକ୍ଷୋଭ ସମାବେଶ ହୋଇଥିଲା। ନ୍ୟାଶନାଲ ହେରାଲଡ୍ ମାମଲାରେ ନ୍ୟାୟାଳୟ ଇଡିକୁ ଭର୍ତ୍ସନା କରିବା ସହ କେଶ କରିଛନ୍ତି। ଭାଜପା ସରକାର ଇଡି, ସିବିଆଇକୁ ହାତବାରିସି କରି ଗାନ୍ଧୀ ପରିବାର ଓ କଂଗ୍ରେସ ବିରୋଧରେ ଚଳାଇଥିବା ଅପଚେଷ୍ଟା ଓ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି। ବିରୋଧୀ ଦଳକୁ ବଦନାମ କରି ନିର୍ବାଚନ ଜିତି କ୍ଷମତା ହାସଲ କରିବା ଭାଜପାର ଏକମାତ୍ର ଲକ୍ଷ୍ୟ ବୋଲି ଜିଲା ସଭାପତି ପଟ୍ଟନାୟକ ଏବଂ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି। ଏଥିସହ କେନ୍ଦ୍ର ଗୃହ ମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି ବିକ୍ଷୋଭ ସମାବେଶରେ କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁ, ସ୍ୱାଗତିକା ପଟ୍ଟନାୟକ, ଅମିତ୍ ମହାନ୍ତି, ଶୈଳେନ୍ଦୁ ଦାସ, ଜୟନ୍ତ ଭୋଇ, ରଞ୍ଜିତ ମହାପାତ୍ର, ସୁବାସ ପାତ୍ର, ତାପସ ମିଶ୍ର, ସଦାଶିବ ମହାପାତ୍ର, ମହିଉଦ୍ଦିନ ଅହମ୍ମଦ, ରମେଶ ପଟ୍ଟନାୟକ, ପ୍ଲାବନ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ଏମ୍.ଡି ମନୋହର, ଗୋପୀ ରାଣା, ଅକ୍ଷୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ବିଜୟୀ

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସେରସା ଖଡ଼ଗପୁରକୁ ୨-୦ ଗୋଲରେ ହରାଇ ନୟାଗଡ଼ କ୍ରୀଡା ଛାତ୍ରାବାସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ନୟାଗଡ଼ ଟିମର ମିଟୁ ମାରାଣ୍ଡିକୁ ଶ୍ରେଷ୍ଠ ଖେଳାଳିଭାବେ ବିଭୂତି ରାଉତରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଛି। ଶେଖାଓ୍ୱତ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ବିଜୟ ମଙ୍ଗରାଜ ଏବଂ କାଳୁଚରଣ ସହାୟତା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଶିକ୍ଷାବିତ୍ ହୃଷିକେଶ ପ୍ରଧାନ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ସମ୍ପାଦକ ମନୋଜ କୁମାର ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ବକ୍ସର ବିହାର ଏବଂ ବାରିପଦା କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮|୧୨|୨୦୨୫

| | |
|---|---|
| ୫,୭୯,୬୬୬ ଟଙ୍କା | |
| ସୁନା | ୧.୦୪୦ ଗ୍ରାମ୍ |
| ରୁପା | ୧୧୯.୫୦୦ ଗ୍ରାମ୍ |

# ୫ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କଲେ ବିଡିଓ

■ ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ
■ କାରଣ ଦର୍ଶାଅ ନୋଟିସ ଜାରି କଲେ

କଣାସ,୧୮|୧୨(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଏବଂ ରାଜ୍ୟ ସରକାର ଶୂନରୁ ୬ବର୍ଷ ଶିଶୁଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରି ଅନୁଦାନ ଯୋଗାଇ ଦେଉଛନ୍ତି। ତେବେ କଣାସ ବ୍ଲକର କେତେକ ଅଙ୍ଗନୱାଡି କେନ୍ଦ୍ର କେବଳ କାଗଜକଲମରେ ଚାଲିଛି। କଣାସ ବ୍ଲକ ଅଧୀନ ୨୮ ପଞ୍ଚାୟତର ୧୩୯ଟି ରାଜସ୍ୱ ଓ ୧୦୮ ପଡା ଗ୍ରାମ ଥିବା ବେଳେ ୨୮୫ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ପ୍ରତି ପିଲାଙ୍କୁ ଛତୁଆ, ଅଣ୍ଡା, ପୋଷାକ ସହ ଖେଳ ଓ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ କେନ୍ଦ୍ରରେ ଜଣେ ଅଙ୍ଗନୱାଡ଼ି କର୍ମୀ ଓ ଜଣେ ସହାୟକ ନିଯୁକ୍ତି ପାଇଛନ୍ତି। ତେବେ କେତେକ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ସମସ୍ୟା ସମ୍ପର୍କରେ ଗ୍ରାମବାସୀ କିଛିଦିନ ତଳେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ସ୍ୱାଇଁ ଗୁରୁବାର ଅଚାନକ ଗଡ଼ସାନପୁଟ ପଞ୍ଚାୟତର ଛୋଟିଯୋଡ଼ି-୧, ଛୋଟିଯୋଡ଼ି-୨, କଣ୍ଟାବଣିଆ, ଜୟପୁର ଏବଂ ମନ୍ଦାରବସ୍ତ-୨ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୨ଦିନ ଭିତରେ ଉତ୍ତର ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ସ୍ୱାଇଁ ଉକ୍ତ କେନ୍ଦ୍ରରେ ପହଞ୍ଚି ଅଙ୍ଗନୱାଡି କର୍ମୀମାନଙ୍କୁ ସମସ୍ତ ଖାତାପତ୍ର ଦେଖିବା ପାଇଁ ମାଗିଥିଲେ। ଖାତାପତ୍ର ଠିକ୍ ଭାବେ ଲିପିବଦ୍ଧ ହୋଇ ନ ଥିବା ଦେଖିବାକୁ ପାଇଥିଲେ। ଏପରିକି କେନ୍ଦ୍ରରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅତି ନଗଣ୍ୟ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ କଣାସ ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତିଙ୍କୁ ପଚାରିବାରୁ ମୁଁ କୌଣସି ଉତ୍ତର ଦେବାକୁ ବାଧ୍ୟ ନୁହଁ ବୋଲି କହି ଚାଲିଯାଇଥିଲେ। ପୂର୍ବରୁ ଅଙ୍ଗନୱାଡ଼ି କେନ୍ଦ୍ର ଅବସ୍ଥା ଶୋଚନୀୟ ଓ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ନେଇ ଗଣମାଧ୍ୟମରେ ଅଭିଯୋଗ ହେବା ସହ ଏହି ପ୍ରସଙ୍ଗ ବିଧାନସଭାରେ ଉଠିଥିଲା।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ବୁଲେଟ୍: ଝିଅ ସହ ଦମ୍ପତି ଗୁରୁତର

ଗୋପ,୧୮|୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ- କୋଣାର୍କ ରାସ୍ତାର ଜୁଣେଇ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବୁଲେଟ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ସହ ତାଙ୍କ ସ୍ତ୍ରୀ ଓ ୮ ବର୍ଷର କନ୍ୟା ଗୁରୁତର ହୋଇଛନ୍ତି। ସେହିପରି ବୁଲେଟ୍ ଆରୋହୀ ଏବଂ ତାଙ୍କ ସହିତ ଥିବା ଜଣେ ଯୁବକ ଆହତ ହୋଇଛନ୍ତି। କୋଣାର୍କ ପୋଲିସ ଦୁଇଟି ଗାଡ଼ିକୁ ଜବତ କରିଛି। ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଆହତ ଦମ୍ପତି ଓ ତାଙ୍କ ଝିଅଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ନାଗପୁର ଅଞ୍ଚଳର କ୍ଷୀରୋଦ ମୁଗୁଡି ତାଙ୍କ ବାଇକ୍ (ନଂ. ଓଡି ୧୩ ଜି ୫୨୯୯)ରେ ଝିଅ ଓ ସ୍ତ୍ରୀଙ୍କୁ ବସାଇ କୋଣାର୍କ ଥାନା ଅଧୀନ ନଳକଣ ତଳସାହି ଗ୍ରାମକୁ ଯାଉଥିଲେ। ଏହି ସମୟରେ କୋଣାର୍କ ରାମଚଣ୍ଡୀରୁ ନିଆଳି ଅଞ୍ଚଳର ଦୁଇ ଯୁବକ ଭୋଜିଭାତ ସାରି ବୁଲେଟ୍ (ନଂ. ଓଡି ୦୫ ବିଟି-୫୧୯୪)ରେ ଫେରୁଥିଲେ। ଜୁଣେଇ ଛକଠାରେ ସେମାନେ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ଦମ୍ପତିଙ୍କ ସହ ନାବାଳିକା କନ୍ୟା ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କ୍ଷୀରୋଦଙ୍କ ଡାହାଣ ଗୋଡ଼ ଓ ଶରୀରର କେତେକ ସ୍ଥାନରେ କ୍ଷତ ହୋଇଥିବା ବେଳେ କନ୍ୟାର ବାମଗୋଡ଼ ଭାଙ୍ଗିଯାଇଛି। ତେବେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ୨୫ରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

ଦାଶ ବେନହୁର ପାଇବେ ସ୍ୱତନ୍ତ୍ର ଶିଶୁ ସାହିତ୍ୟ ସମ୍ମାନ

ପୁରୀ,୧୮|୧୨(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ କଥାକାର, ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ତଥା ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଡ. ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର)ଙ୍କୁ ସ୍ୱତନ୍ତ୍ର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ଡିସେମ୍ବର ୨୫ରେ ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ୩୩ତମ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ବାଲକାଟୀର ଡ. ରଜନୀରଞ୍ଜନ ଦାଶ, ଭଦ୍ରକର ଡ. ପ୍ରବୀଣା ପରିଡ଼ା, କଟକର ଇଂ. ମାୟାଧର ସ୍ୱାଇଁ, ନୟାଗଡ଼ର ତୁଳସୀ ସ୍ୱାଇଁ, ଜଗତ୍‌ସିଂହପୁରର ଡ. ରଘୁ ସାହୁ, ମାହାଙ୍ଗାର ପ୍ରଫୁଲ୍ଲ କୁମାର ସାହୁ ଏବଂ କଣାସର ଅଜୟ କୁମାର ସେଠୀ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସମ୍ମାନ ପାଇବେ। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ହେବ । ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅବସରରେ ଦୀର୍ଘ ୩୨ବର୍ଷ ଧରି ଚାଲି ଆସୁଥିବା ଏହି ସମ୍ମିଳନୀରେ ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ଶିଶୁ ସାହିତ୍ୟିକ ଯୋଗ ଦେବେ ବୋଲି ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସଭାପତି ବୀରେନ୍ଦ୍ର ମହାନ୍ତି ଏବଂ ସମ୍ପାଦକ ମହେନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।



କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ବିଦେଶୀ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟରମାନେ।

# ବିଦେଶୀ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ,୧୮|୧୨(ଜ୍ୟୋତିରାଜ ମହାନ୍ତି)

ବିଶ୍ୱର ୯ଟି ରାଷ୍ଟ୍ରର ୧୮ ଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଗୁରୁବାର ପୂର୍ବାହ୍ନରେ କୋଣାର୍କ ମନ୍ଦିର ପରିଦର୍ଶନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱରରୁ ଆସିଥିଲେ। ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ବିନାୟକ ମିଶ୍ର ଓ ସୂର୍ଯ୍ୟ ପ୍ରକାଶ ଜଟି ତାଙ୍କୁ ସହଯୋଗ କରିଥିଲେ। କୋଣାର୍କରେ ସେମାନେ ପହଞ୍ଚିବା ପରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଗାଇଡ୍ ଅନିମେଶଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ଇନ୍‌ଫ୍ଲୁଏନ୍ସରମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ। ମନ୍ଦିରକୁ ଦେଖି ଓ ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସିବ୍ୟକ୍ତ କରିଥିଲେ। ଏହି ଟିମ୍‌ରେ ମ୍ୟାନ୍‌ମାର୍‌ରୁ ଥାନ୍ ଟିଣ୍ଟ, ୟା ମିନ୍ ଥେନ୍, ଇଣ୍ଡୋନେସିଆରୁ ପାନ୍ଧୁ ୱାସକିଥା,ରଫି ଫଦିଲାହା ରିଜକୁଲ୍ଲା, ଜାପାନରୁ ତାକୁରା କାକେଫୁଦା, ସାରି ଟିସୁକା, ୟୋକୋ ନୋଗାମୀ, ମଙ୍ଗୋଲିଆରୁ ଏନ୍‌ଖବୁଲଗାନ ଏନ୍‌ଖାବତର, ଖାନକୁ ଜରଗଲବାୟାର, ସିଙ୍ଗାପୁରରୁ ମେଲ୍‌ଭିନ ଟିସେଙ୍ଗ, ହୁକେଲନାଥାନିଏଲ ଅବଦୁଲ୍ଲା, ମାଲେସିଆରୁ ମହମ୍ମଦ ଆଫିଗ ବିନ୍ ଆବାଦ ରହିମ, ନୁରୁଲା ଅତିଗ ବିନ୍ତି ରସିଦ, ସାଉଥ କୋରିଆରୁ ମିୟୁଁଘାନ ପାର୍କ, ସାମ୍ମାନ ଚୋ, ଶ୍ରୀଲଙ୍କାରୁ ୱାଇ. ଦିନେଶ ଆସିରି ପାଥୁମ ପେୟିରିସ, ୱିଜିକୋନ ମୁଦିଆନ, ସେଲଜ ଶ୍ରୀଆନ୍ଥା, ଇଣ୍ଡୁଲି ୱାଇଜେକୋନ ଏବଂ ଥାଇଲାଣ୍ଡରୁ ପାଟାମୋନ କାନ୍‌ଜନପୁନ ସାମିଲ ଥିଲେ।

# ସାକ୍ଷୀଗୋପାଳ ମନ୍ଦିର ପାଇଁ ହେବ ସ୍ୱତନ୍ତ୍ର କରିଡର

ଉନ୍ନୟନ ସକାଶେ ସର୍ଭେ ଆରମ୍ଭ

ସାକ୍ଷୀଗୋପାଳ,୧୮|୧୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିର ଓ ଏହାର ବାହ୍ୟ ପରିସର ବିକଶିତ କରାଯିବା ନିମନ୍ତେ ବୁଧବାର ଏକ ସ୍ୱତନ୍ତ୍ର ସର୍ଭେ କରାଯାଇଛି। ସାକ୍ଷୀଗୋପାଳ ମନ୍ଦିରକୁ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ପଟୁ ଆସୁଥିବା ଗାଡ଼ି ଓ ଭକ୍ତଙ୍କ ସୁବିଧା ଲାଗି ମା' ମଉନେଇ ମନ୍ଦିର ତଥା ହୋତାସାହି (ଗୋପାଳପୁର ପାଟଣା) ଛକଠାରୁ ଏକ ସ୍ୱତନ୍ତ୍ର କରିଡର ନିର୍ମାଣ କରାଯିବା ସହ ରତ୍ନଚିରା ନଦୀ ଉପରେ ନୂତନ ବ୍ରିଜ୍ ନିର୍ମାଣ କରାଯିବ। ପୁରାତନ ଧର୍ମଶାଳାକୁ ଭଙ୍ଗାଯାଇ ସେଠାରେ ନୂତନ ଭକ୍ତନିବାସ ସହ ଅତିଥି ଭବନ ନିର୍ମାଣ ହେବ। ସେବାୟତମାନଙ୍କ ଜାଗାଘର, ସେଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଉଚ୍ଛେଦ କରାଯାଇ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥାନ ହେବ। ମନ୍ଦିର ଶୌଚାଳୟକୁ ସ୍ଥାନାନ୍ତର କରାଯାଇ ଅତ୍ୟାଧୁନିକ ଗ୍ରନ୍ଥାଗାର ନିର୍ମାଣ କରାଯିବ। ସର୍ଭେ ଅନୁଯାୟୀ, ସରକାରୀ ବାଳିକା ବିଦ୍ୟାଳୟଠାରୁ ମନ୍ଦିର ପଛପଟ ପର୍ଯ୍ୟନ୍ତ ସରକାରୀ, ଦେବୋତ୍ତର ଓ ବ୍ୟକ୍ତିଗତ ଜାଗାରେ ନିର୍ମିତ ଗୃହ, ଦୋକାନ ଉଚ୍ଛେଦ କରାଯିବ। ସାକ୍ଷୀଗୋପାଳ ସରକାରୀ ବାଳିକା ବିଦ୍ୟାଳୟ ଓ ସତ୍ୟବାଦୀ ହାଇସ୍କୁଲର ନବକଳେବର କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଏକ ଅଂଶବିଶେଷ ହେବ। ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେଉଥିବା ତଥା ମନ୍ଦିର ସମ୍ମୁଖ ଓ ଏହାର ବାହ୍ୟ ପରିସର କଳେବର ବୃଦ୍ଧି ପାଇଁ ନିଯୋଗ କୋଠା, ଦୋକାନ, ଗୃହ, ଜମି, ଠିକ୍ ବିବରଣୀ ଜାଣିବା ନିମନ୍ତେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବୁଧବାର ଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସର୍ଭେ କାର୍ଯ୍ୟକୁ ସାକ୍ଷୀଗୋପାଳ ମନ୍ଦିରର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି, ଅମିନ ସୁବାସ ଗଜେନ୍ଦ୍ର, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ, ରାଜସ୍ୱ ସୁପରଭାଇଜର ମୋନାଲିସା ବରାଳ, ଦେବସ୍ମିତା ପାଣ୍ଡେ, ଅମିନ ମୃତ୍ୟୁଞ୍ଜୟ ସିଙ୍ଗି, ଟୁକୁନା ଡାଙ୍ଗୁଆ ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରକଳ୍ପର ରୂପରେଖ କିଭଳି ହେବ ତାହାର ଏକ ଅବିକଳ ନକଲ ସହ ଏକ ପୁସ୍ତକ ପ୍ରସ୍ତୁତ କରାଯାଇଛି ବୋଲି ସତ୍ୟବାଦୀ ତହସିଲଦାର ତଥା ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଚାନ୍ଦୁଆ ହବ୍ ବିକାଶ ପ୍ରକଳ୍ପର ସମୀକ୍ଷା

ପିପିଲି,୧୮|୧୨(ଦୁର୍ଗାମାଧବ ମିଶ୍ର)

ପିପିଲି ଚାନ୍ଦୁଆ ହବ୍ ବିକାଶ ପ୍ରକଳ୍ପକୁ ନେଇ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିବା ସହ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। ସମବାୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ହସ୍ତତନ୍ତ ଓ ବୟନଶିଳ୍ପ ସଚିବ ଗୁହା ପୁନମ୍ ତାପସ କୁମାର, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଉପସ୍ଥିତ ଥିଲେ।

## ସୁଶାସନ ଦିବସ ପାଳନ ପ୍ରସ୍ତୁତି ବୈଠକ

ପୁରୀ,୧୮|୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଚଳିତ ମାସ ୨୫ ତାରିଖରେ ପାଳନ ହେବ। ଏହି ଦିବସକୁ ସୁଚାରୁରୂପେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହାକୁ ପୂର୍ବାପେକ୍ଷା ଅଧିକ ସୁନ୍ଦର ଭାବେ ପାଳନ ପାଇଁ ଅତିରିକ୍ତ ଜିଲାପାଳ ବେହେରା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ନିଷ୍ଠାର ସହ ଉପଯୁକ୍ତ ସମୟ ସୀମା ମଧ୍ୟରେ ତାହାକୁ ପୂର୍ଣ୍ଣାଙ୍ଗ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିଷ୍ପତ୍ତି ଅନୁସାରେ ଜିଲା ସଂସ୍କୃତି ଭବନରେ ୨୫ ତାରିଖ ପୂର୍ବାହ୍ନରେ ସୁଶାସନ ଦିବସ ଓ ବାଜପେୟୀଙ୍କ ଜୟନ୍ତୀ ପାଳନ ହେବ। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଭିନ୍ନ ବିଭାଗକୁ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କ ନେତୃତ୍ୱରେ ସମୀକ୍ଷା ଦଳର ଶ୍ରୀମନ୍ଦିର ପରିଦର୍ଶନ

ନୂଆବର୍ଷରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପ୍ରସଙ୍ଗ

ପୁରୀ,୧୮|୧୨(ଅଜିତ୍ କୁମାର ମହାନ୍ତି)

ନବବର୍ଷ ୨୦୨୬ ଅବସରରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତ ଶ୍ରୀମନ୍ଦିରକୁ ଆସିବାର ସମ୍ଭାବନା ରହିଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ବ୍ୟବସ୍ଥା ନିମନ୍ତେ ଗୁରୁବାର ଏସ୍‌ପି ପ୍ରତୀକ୍ ସିଂହଙ୍କ ନେତୃତ୍ୱରେ ଏକ ସମୀକ୍ଷା ଦଳ ଶ୍ରୀମନ୍ଦିର ପରିଦର୍ଶନ କରିଛନ୍ତି। ଏହି ସମୀକ୍ଷା ସମୟରେ ଶ୍ରୀମନ୍ଦିରର ସିଂହଦ୍ୱାର, ଅଶ୍ୱଦ୍ୱାର, ବ୍ୟାଘ୍ରଦ୍ୱାର ଓ ହସ୍ତୀଦ୍ୱାର ସହିତ ସମ୍ପୃକ୍ତ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା, ବାରିକେଡିଂ, ଭିଡ଼ ନିୟନ୍ତ୍ରଣ, ସିସିଟିଭି କ୍ୟାମେରା, ଆଲୋକ ବ୍ୟବସ୍ଥା ଓ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଭଲଭାବେ ଅନୁଧ୍ୟାନ କରାଯାଇଥିଲା। ନବବର୍ଷ ଅବସରରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଆଗମନ ବଢ଼ିବାର ସମ୍ଭାବନା ଥିବାରୁ ଭିଡ଼ ପରିଚାଳନାକୁ ସୁଚାରୁ ଓ ସୁରକ୍ଷିତ କରିବା ପାଇଁ ଅଧିକ ପୋଲିସ ବ୍ୟବସ୍ଥା, ପଦଚାଳିତ ଓ କୁଇକ୍ ରେସ୍‌ପନ୍ସ ଟିମ୍ ନିଯୁକ୍ତି, ଠିକ୍ ରୁଟ୍ ପ୍ଲାନ୍, ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ମାଧ୍ୟମରେ ଘୋଷଣା ଏବଂ ଆପାତକାଳୀନ ସ୍ଥିତି ପାଇଁ ପ୍ରସ୍ତୁତି ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମ୍ପୃକ୍ତ ଥାନା ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶନା ଦେଇଥିଲେ। ପୁରୀ ପୋଲିସ ପକ୍ଷରୁ ନବବର୍ଷ ୨୦୨୬ ଅବସରରେ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ସହଯୋଗ କରିବା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ସୁଚାରୁ ଦର୍ଶନ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ଗୋବର୍ଦ୍ଧନ



@ ସାଇ



@ ସୂର୍ଯ୍ୟକାନ୍ତ



@ ବିକାଶ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ଅତିରିକ୍ତ ସୁରକ୍ଷା ଜମା ନୋଟିସ ପ୍ରତ୍ୟାହାର ସମେତ ବିଭିନ୍ନ ଦାବି ନେଇ ପୁରୀ ଓକିଲ ସଂଘ ପକ୍ଷରୁ ଗୁରୁବାର ରେଡକ୍ରସ୍ ରୋଡସ୍ଥିତ ଟାଟା ପାୱାର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଆରମ୍ଭ ହେଲା ସଂସ୍କୃତି ଯାତ୍ରା 'ଜାତୀୟ କଣ୍ଢେଇନାଟ ଉତ୍ସବ'

ଭୁବନେଶ୍ୱର,୧୮|୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସଂସ୍କୃତି ଯାତ୍ରା 'ଜାତୀୟ କଣ୍ଢେଇ ନାଟ ଉତ୍ସବ' ଗୁରୁବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଛି। ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଯୋଗଦେଇ କହିଲେ, କଣ୍ଢେଇ ନାଟକୁ ନେଇ ଓଡ଼ିଶାରେ ପ୍ରଥମଥର ଏହିଭଳି ସର୍ବଭାରତୀୟ ଉତ୍ସବ ଆୟୋଜନ କରାଯାଇଛି। କଣ୍ଢେଇନାଟ କେବଳ ମନୋରଞ୍ଜନ ନୁହେଁ, ଶିକ୍ଷାଦାନ, ସମାଜ ପରିବର୍ତ୍ତନ ଓ ବ୍ୟକ୍ତି ସୃଜନଶୀଳତାର ଅନ୍ୟତମ ମାଧ୍ୟମ। ଅନ୍ୟତମ ଅତିଥି ଭାବେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ କହିଲେ, ଓଡ଼ିଶାର ପୁରପଲ୍ଲୀରେ କଣ୍ଢେଇନାଟ ଏକ ଜୀବନ୍ତ ସଂସ୍କୃତି। ଓଡ଼ିଶାରେ ବଞ୍ଚି ରହିଥିବା ଚାରି ପ୍ରକାର କଣ୍ଢେଇନାଟ ସମ୍ପର୍କରେ ସେ କହିଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶା ସମେତ କେରଳ, କର୍ଣ୍ଣାଟକ, ରାଜସ୍ଥାନ ଓ ପଶ୍ଚିମବଙ୍ଗରୁ କଣ୍ଢେଇନାଟ ଦଳ ଅଂଶଗ୍ରହଣ କରିଥିଲେ। ଏହି ସଂସ୍କୃତିଯାତ୍ରାର ଆରମ୍ଭ ପର୍ବରେ ଅନୁଗୋଳ ଜିଲାର ଖମାରସ୍ଥିତ ଶ୍ରୀରାମ ଛାୟାନାଟକ ଗବେଷଣା ପରିଷଦ ଦ୍ୱାରା ପରିବେଷିତ ହୋଇଥିଲା ଛାୟା ନାଟକ 'ବନ୍ଦେ ମାତରମ୍'। ୭ ମିନିଟ୍‌ର ଏହି ନାଟକ ଦର୍ଶକଙ୍କ ମନରେ ଦେଶାତ୍ମବୋଧକ ଭାବନା ଭରିଦେଇଥିଲା। ପରେ କେନ୍ଦ୍ରାପଡ଼ାର ପରମେଶ୍ୱର ସିଂ 'ସଖୀ କଣ୍ଢେଇନାଟ', ଗୋପଲୀଳା କଣ୍ଢେଇନାଟ ଭଞ୍ଜନଗରର ଗୌରାଙ୍ଗ ଚରଣ ଦାସ 'ଗୋପଲୀଳା କଣ୍ଢେଇ ନାଟ', ଶ୍ରୀରାମ ଛାୟା ନାଟକ ଗବେଷଣା ପରିଷଦ ଖମାରର ଗୌରାଙ୍ଗ ଚରଣ ଦାଶ 'ଛାୟା ନାଟକ' ପରିବେଷଣ କରିଥିଲେ। ସେହିପରି କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ପଶ୍ଚିମବଙ୍ଗ ଚବିଶ ପ୍ରଗଣାର ଅମରେନ୍ଦ୍ରନାଥ ନସ୍କରଙ୍କ 'ସମକାଳୀନ କଣ୍ଢେଇନାଟ' ଏବଂ କର୍ଣ୍ଣାଟକର ଗୁଣ୍ଡୁ ରାଜୁଙ୍କ 'ଛାୟା ନାଟକ' ପରିବେଷଣ।

**ବାୟୁ ପ୍ରଦୂଷଣ ରୋକିବାରେ ବୃକ୍ଷରୋପଣ ସହାୟକ ହେବ**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ନେତାଜୀ ସବୁଜ ବଳୟ ସଙ୍ଗଠନ ପକ୍ଷରୁ ଜଗତପୁର ୱାର୍ଡ ନଂ-୪୨ସ୍ଥିତ ବଉଳଛକଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବ ବ୍ୟବସାୟୀ ତଥା ସମାଜସେବୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦାମୋଦର ଖଟୁଆ, ସମ୍ବିତ ପୁହାଣଙ୍କ ସମେତ ସଙ୍ଗଠନ ସଦସ୍ୟମାନେ ବୃକ୍ଷରୋପଣ କରିଥିଲେ। ସାମ୍ପ୍ରତିକ ସମୟରେ ବାୟୁ ପ୍ରଦୂଷଣର ମାତ୍ରା ଉଦ୍‌ବେଗଜନକ ଥିଲାବେଳେ ଏହାକୁ ରୋକିବା ଦିଗରେ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଦିତ୍ୟ ନାରାୟଣ ତ୍ରିପାଠୀ ବୃକ୍ଷରୋପଣର ଉପାଦେୟତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରମୋଦ କୁମାର ସି, ଗୋପାଳ ଚନ୍ଦ୍ର ପ୍ରଧାନ, ହରିବନ୍ଧୁ ପତି, ଅଶୋକ କୁମାର ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ, ଆଦିତ୍ୟ କୁମାର ଦାସ, ସରୋଜ କୁମାର ବାରିକ, ସୁଶାନ୍ତ କୁମାର ସେନ, ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଗଳ୍ପରେ ନୈତିକ ଶିକ୍ଷା ଦେଲେ ବାବା ସତ୍ୟାନନ୍ଦ

କଟକ,୧୮।୧୨(କାର୍ତ୍ତିକ ସାହୁ)

ଶ୍ରୀଜଗନ୍ନାଥ ଚେତନାର ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାନଦୀବିହାରସ୍ଥିତ କ୍ରିଷ୍ଣା କନସିଅସ୍‌ନେସ ମୋରାଲ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଗଳ୍ପ ଛଳରେ ନୈତିକ ଶିକ୍ଷା ପ୍ରଦାନ କରିଛନ୍ତି। ବାବା ଛାତ୍ରୀଛାତ୍ରମାନଙ୍କ ସହ କିଛି ସମୟ ବିତାଇ ସେମାନଙ୍କଠାରେ ଆଧ୍ୟାତ୍ମିକତା ଜାଗ୍ରତ କରାଇଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ବାବା ସତ୍ୟାନନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିନ୍ସିପାଲ ଗିତା ନାୟକଙ୍କ ସମେତ ଅନ୍ନପୂର୍ଣ୍ଣା ଦାସ, ରାଜକିଶୋର ମହାନ୍ତି, ନିବେଦିତା ମହାନ୍ତି ଓ ଡକ୍ଟର ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ବାବାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ଆଇଏମ୍‌ଆଇଟିରେ ଗ୍ରାଜୁଏସନ ଡେ'

କଟକ,୧୮।୧୨(କାର୍ତ୍ତିକ ସାହୁ)

ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନଫରମେଶନ ଟେକ୍ନୋଲୋଜି (ଆଇଏମ୍‌ଆଇଟି)ରେ ଗ୍ରାଜୁଏସନ ଡେ' ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମାନସ ରଞ୍ଜନ କବାଟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ମୃତ୍ୟୁଞ୍ଜୟ ପଣ୍ଡା ଯୋଗଦେଇ ସ୍ନାତକପ୍ରାପ୍ତି ଶିକ୍ଷାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ତଥା ଆବାହକ ଡ. ଶୁଭେନ୍ଦ୍ର କୁମାର ଜୟସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏମ୍‌ବିଏ ବିଭାଗ ମୁଖ୍ୟ ଡ. ଚନ୍ଦ୍ରକାନ୍ତ ସାହୁ, ପରୀକ୍ଷା ତତ୍ତ୍ୱାବଧାରକ ଡ. ଆଲୋକ ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଡ. କୁନାଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭାଙ୍ଗିଲା ଷ୍ଟ୍ରେଚର, ଖସି ପଡ଼ିଲେ ରୋଗୀ

**ଏସ୍‌ସିବି ମେଡିକାଲରେ ଅଘଟଣ**

**ଘଟଣାକୁ ଚପାଇଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କ ଉଦ୍ୟମ**

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ରୋଗୀଙ୍କୁ ଷ୍ଟ୍ରେଚରରେ ନିଆଯାଉଥିବା ବେଳେ ତାହା ଭାଙ୍ଗିବା ଯୋଗୁ ରୋଗୀ ଜଣକ ଚକ୍ଷୁବିଭାଗର ଚତୁର୍ଥ ମହଲାରୁ ତଳକୁ ଖସି ପଡିଥିଲେ। ତାଙ୍କ କାନ୍ଧରେ ଆଘାତ ଲାଗିଥିବାବେଳେ ଚିକିତ୍ସା କରାଯାଇ ଡିସ୍‌ଚାର୍ଜ ମଧ୍ୟ କରାଯାଇଛି। ତେବେ ସମ୍ପୃକ୍ତ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିବା ଯୋଗୁ ତାଙ୍କ ବିଷୟରେ ସବିଶେଷ ତଥ୍ୟ ହସ୍ତଗତ ହୋଇ ପାରିନାହିଁ। ହେଲେ ଏଭଳି ଘଟଣାକୁ ମେଡିକାଲ କର୍ତ୍ତୃପକ୍ଷ ଘୋଡାଇବାକୁ ଉଦ୍ୟମ ଚଳାଇଛନ୍ତି। ଏହି ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷ ମୁହଁ ଖୋଲୁ ନ ଥିବା ବେଳେ ବିଭାଗୀୟ କର୍ମଚାରୀମାନେ ମଧ୍ୟ ଘଟଣାକୁ ଲୁଚାଉ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବିର ଚକ୍ଷୁ ବିଭାଗ ଉପର ମହଲାରେ ଭେଷଜ ବିଭାଗର ସପ୍ତମ ୟୁନିଟ୍ କାର୍ଯ୍ୟ କରୁଛି। ଏହି ୟୁନିଟକୁ ଯିବା ପାଇଁ ଥିବା ଲିଫ୍ଟ ଅଚଳ ହୋଇଥିବାରୁ ରୋଗୀଙ୍କୁ ପାହାଚ ବାଟ ଦେଇ ଟେକି ଟେକି ନେବାକୁ ପଡିଥିଲା। ସୋମବାର ଅପରାହ୍ନରେ ସମ୍ପୃକ୍ତ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ଓ ମେଡିକାଲର କର୍ମଚାରୀ ଷ୍ଟ୍ରେଚର ଦ୍ୱାରା ବୋହି ନେବା ସମୟରେ ହଠାତ୍ ଷ୍ଟ୍ରେଚର ଭାଙ୍ଗି ଯାଇଥିଲା। ଏହାଦ୍ୱାରା ରୋଗୀ ଜଣକ ଖସି ପାହାଚ ଦେଇ ତଳକୁ ଗଡି ଯାଇଥିଲେ। ଏଭଳି ଅବ୍ୟବସ୍ଥା ଯୋଗୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ହେଲେ ମେଡିକାଲର କେତେଜଣ ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚି ବୁଝାଶୁଝା କରିବା ସହ ପରିସ୍ଥିତି ଆୟତ୍ତକୁ ଆସିଥିଲା। ଅନ୍ୟପଟେ ଷ୍ଟ୍ରେଚର ଭାଙ୍ଗି ରୋଗୀ ଗଳି ପଡ଼ିବା ଭଳି ସମ୍ବେଦନଶୀଳ ଘଟଣା ହୋଇଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ଗୁରୁତ୍ୱ ଦେଇ ନ ଥିବା ଜଣାପଡିଛି।

# 'ମଣିଷ ଜୀବନ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ'




ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିବା ଖେଳାଳିମାନେ।

**ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା**

କଟକ ସଦର,୧୮।୧୨(ସୁଶାନ୍ତ କୁମାର ଜେନା)

କ୍ରୀଡ଼ା ମଣିଷକୁ ଶୃଙ୍ଖଳିତ କରେ। ଶାରୀରିକ ସୁସ୍ଥତା ଓ ମାନସିକ ଅଭିବୃଦ୍ଧିରେ ଖେଳକୁଦ ସହାୟକ ହୁଏ। ତେବେ ମଣିଷ ଜୀବନ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ। ୪୨ ମୌଜାସ୍ଥିତ ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଗୁରୁବାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧରିତ୍ରୀ କଟକ ଜିଲା ପ୍ରତିନିଧି କାର୍ତ୍ତିକ ସାହୁ ଯୋଗଦେଇ ଏହା କହିଛନ୍ତି। ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶିବ ଶଙ୍କର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗଣେଶ୍ୱର ଦାଶ କହିଲେ, ଛାତ୍ରୀଛାତ୍ରମାନେ ନିଜ ପ୍ରତିଭାର ବିକାଶ କରିବା ସହ ଭଲ ପାଠପଢ଼ା ଦିଗରେ ଯତ୍ନବାନ ହୁଅନ୍ତୁ। ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦଳଗତ କ୍ରୀଡ଼ା କ୍ରିକେଟ ସମେତ ଲମ୍ଫଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର ଆଦି କ୍ରୀଡ଼ା ଓ ଝୋଟି, ନୃତ୍ୟ, ଗୀତ, ପ୍ରବନ୍ଧ, ତର୍କ ଆଦି ସାଂସ୍କୃତିକ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ତନ୍ମୟ ଦାସ, ଡ. ରାଜେନ୍ଦ୍ର କୁମାର ପତି, ସତ୍ୟ ରଞ୍ଜନ ରାୟ, ବିଚିତ୍ରାନନ୍ଦ ପତି, ଶୁଭେନ୍ଦୁ ପାତ୍ର, ଲକ୍ଷ୍ମୀଧର ନାୟକ, ପ୍ରକାଶ ସ୍ୱାଇଁ, ସଞ୍ଜିତ ସେନାପତି, ସସ୍ମିତା ବିଷୋୟୀ, ଲିଲି ଦାସ, ପ୍ରିୟଦର୍ଶିନୀ ପ୍ରଧାନ, ସୋନାଲି ମହାରଣା ଅନୀମା ପ୍ରିୟଦର୍ଶିନୀ ଓ ରୁମିଲା ବେହେରା ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ।

### ଖ୍ରୀଷ୍ଟ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜ ଓ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମିଳିତ ସହଯୋଗରେ କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁସ୍ମିତା ପାତ୍ର ଅଧ୍ୟକ୍ଷତା କରି କହିଛନ୍ତି, ବୃକ୍ଷ ହିଁ ଆମର ପ୍ରକୃତ ଜୀବନ । କାର୍ଯ୍ୟକ୍ରମରେ ଉଜ୍ଜୀବନ ବ୍ୟାଙ୍କର ଶାଖାପ୍ରବନ୍ଧକ ବିଦ୍ୟାବିକାଶ ନାୟକ ଓ ସହ ଶାଖାପ୍ରବନ୍ଧକ ଦୀପକ କୁମାର ପାଣି ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ସାମାଜିକ ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସ ସଂଯୋଜକ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଡ. ଆଲୋକ ମିଶ୍ର, ଡ. ଅଶୋକ କୁମାର ସାହୁ, ଡ. ପ୍ରଦୀପ୍ତ କୁମାର ପତି, ଡ. ଜ୍ଞାନେଶ୍ୱର ରଥ, ଡ. ସଞ୍ଜିତ ବିଶ୍ୱାସ, ସାଗରଜିତ୍ ଭଟ୍ଟାଚାର୍ଯ୍ୟଙ୍କ ସମେତ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ବୃକ୍ଷରୋପଣ କରିଥିଲେ। ଏଥିରେ ଯୁବ ରେଡ୍‌କ୍ରସ, ଉଦ୍ୟାନ କମିଟି, ଏନ୍‌ସିସି, ଇକୋ କ୍ଲବ, ରୋଭର ଆଣ୍ଡ ରେଞ୍ଜର ୟୁନିଟ୍‌ର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ।



ଇଙ୍ଗା ପକ୍ଷରୁ ଆପାତକାଳୀନ ପରିସ୍ଥିତିକୁ ମୁକାବିଲା ପାଇଁ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ ଶିବିର।

### ଇଙ୍ଗା ପକ୍ଷରୁ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ ଶିବିର

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୧୮।୧୨(ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଇଙ୍ଗା ଶିଳ୍ପ ପରିସରରେ ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏକ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାରଖାନା ଭିତରେ ଦୈନନ୍ଦିନ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ, ତାହାର ସୁପରିଚାଳନା କରି ପୂର୍ବ ସ୍ଥିତିକୁ ଫେରାଇ ଆଣିବା ପାଇଁ କେଉଁ ବିଭାଗ କ'ଣ କାର୍ଯ୍ୟ କରିବେ ତାହାର ଏକ ସାମୂହିକ ଅଭ୍ୟାସ (ମକ୍‌ଡ୍ରିଲ) ପ୍ରଦର୍ଶନ କରଯାଇଥିଲା। କାର୍ଯ୍ୟକ୍ରମରେ ନିକଟସ୍ଥ ଶିଳ୍ପଗୋଷ୍ଠୀରୁ ପାରସ୍ପରିକ ସହାୟତା ସାଥୀ ଭାବେ ଆରତି ଷ୍ଟିଲ, ଜେକେ ଲକ୍ଷ୍ମୀ ସିମେଣ୍ଟ, ସତ୍ୟମ କାଷ୍ଟିଂ ଏବଂ ଡାଲମିଆ ଭାରତ ସିମେଣ୍ଟ ପକ୍ଷରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ମତାମତ ଆପାତକାଳୀନ ଅଭ୍ୟାସ ବିଷୟରେ ଦେବା ସହ ଇଙ୍ଗା ଦ୍ୱାରା ଆୟୋଜିତ ଏହି ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସକୁ ପ୍ରଶଂସା କରିଥିଲେ। କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ କଟକ ଶାଖାର ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଚୌଦ୍ୱାର ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ଏନ୍‌ଡିଆର୍‌ଏଫ୍‌ର ଅଧିକାରୀ ରାଜୀବ ଲୋଚନ ଆଚାର୍ଯ୍ୟ, ରାଜ୍ୟ ବୀମା ଚିକିତ୍ସାଳୟ ଚୌଦ୍ୱାରରୁ ଡାକ୍ତର ବରୁଣ ଅଗ୍ରୱାଲା, ଇଙ୍ଗା ଚୌଦ୍ୱାରର ଉପସଭାପତି ବିନୟ ଅଗ୍ରୱାଲା ପ୍ରମୁଖ ଯୋଗଦେଇ ଶିଳ୍ପ କାରଖାନାରେ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଇଙ୍ଗାର ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ନ୍ୟାଶନାଲ ହେରାଲ୍ଡ ମାମଲା ପ୍ରସଙ୍ଗରେ କଂଗ୍ରେସର ବିକ୍ଷୋଭ

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ ପକ୍ଷରୁ ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ଉପଲକ୍ଷେ ଭାଜପା ସରକାର ବିରୋଧରେ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଛନ୍ତି, କୌଣସି ଏତଲା ବିନା କାହାରି ଅଭିଯୋଗରେ ଇଡି ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କଂଗ୍ରେସର ଛବିକୁ କୁଷଳିତ କରିବା ପ୍ରଚେଷ୍ଟା ଦୁର୍ଭାଗ୍ୟଜନକ।ଏଥିରେ କର୍ମୀଙ୍କ ମନୋବଳ ଭାଙ୍ଗି ଯିବ ବୋଲି ଭାବୁଥିଲେ। କେବଳ ହଇରାଣ କରାଇବା ମାନସିକତା ରଖି ଏଭଳି କରି ଆସୁଥିଲେ, ହେଲେ ଏଥିରେ ହାରିଗଲେ ବୋଲି ସେ କହିଛନ୍ତି। ଏହି ଅବସରରେ ଶତାଧିକ କର୍ମୀ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ନାରାବାଜି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ସୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, କଂଗ୍ରେସ ନେତା କେଦାର ପୃଷ୍ଟି, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତଥିଲେ।

### ଓଡ଼ିଆ ବଜାର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

କଟକ,୧୮।୧୨(କାର୍ତ୍ତିକ ସାହୁ)

ଓଡ଼ିଆ ବଜାର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ଆଲମ ବାବୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସୂତାହାଟ କୃଷ୍ଟରର ସିଆର୍‌ସିସି ନାକିଆ ପରବିନ ଉଦ୍‌ଘାଟନ କରିଥିଲେ। ତୃତୀୟ ଶ୍ରେଣୀର ଛାତ୍ରୀ ଶୃତି ସିଂ ୩ଟି ଖେଳରେ ପ୍ରଥମ ହୋଇ ଚାମ୍ପିୟନ ହୋଇଥିଲେ ଓ କେ. ଜ୍ୟୋତିଙ୍କୁ ସର୍ବଗୁଣ ସମ୍ପନ୍ନା ନିମନ୍ତେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସାହିନା ସଫି ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର ପ୍ରଦୀପ କୁମାର ବେହେରା ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା, କାଞ୍ଚନ ଦଳାଇ, ସମିମା ବେଗମ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୋଫିଆ ଖାତୁନ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସମେତ ଶିକ୍ଷୟିତ୍ରୀ ଓ ଅଭିଭାବକ ମଣ୍ଡଳୀ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବାବୁ



@ ଗୋବର୍ଦ୍ଧନ



@ ସାଇ



@ ସୂର୍ଯ୍ୟକାନ୍ତ



@ ବିକାଶ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବି.ଟେକ୍ ୩, ସ୍କୁଲ ଅଫ୍ ନର୍ସିଂ ୨ ବିଭାଗରେ ଚାମ୍ପିୟନ

**ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ**

କଟକ,୧୮।୧୨(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଡ୍ରିମ୍‌ସ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଦୁଇଦିନ ଧରି ଆୟୋଜିତ ବିବିଧ ଖେଳକୁଦରେ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନ ସମେତ ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଆଇଟିଆଇ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଦଳଗତ କ୍ରୀଡ଼ାରେ ଥ୍ରୋ ବଲ ଓ କବାଡି (ବାଳିକା ବର୍ଗ)ରେ ସ୍କୁଲ ଅଫ୍ ନର୍ସିଂ ଚାମ୍ପିୟନ ହୋଇଥିଲା। ସେହିପରି କବାଡି ଓ ଭଲିବଲ (ବାଳକ ବର୍ଗ) ଏବଂ କ୍ରିକେଟରେ ଇଞ୍ଜିନିୟରିଂ ସ୍କୁଲ ଓ ଟେକ୍ନୋଲୋଜି (ବି.ଟେକ୍) ୩ଟି ଚାମ୍ପିୟନ ଟ୍ରଫି ହାସଲ କରିଥିଲା।




କୃତୀ ପ୍ରତିଯୋଗୀଙ୍କ ଗହଣରେ ଉପସ୍ଥିତ ଅତିଥି।

କ୍ରିକେଟ୍‌ରେ ବି.ଟେକ୍ ଛାତ୍ର ସୌମ୍ୟଜିତ୍ ସ୍ୱାଇଁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଅପରପକ୍ଷରେ ଫୁଟବଲରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସ୍କୁଲ ଅଫ ଫାର୍ମାସି ଚାମ୍ପିୟନ ହୋଇଥିଲା। ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ସର୍ବାଧିକ ୩ଟି ଓ ସ୍କୁଲ ଅଫ ନର୍ସିଂ ୨ଟି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି ସମୀର ମହାନ୍ତି ଯୋଗଦେଇ କହିଲେ, ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ା ଆଦି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସହ ଆଗକୁ ବଢ଼ିବା ଲାଗି ଅନେକ ନୂତନ ସମ୍ଭାବନା ସୃଷ୍ଟି ହୋଇଛି। ଏହାର ସୁଯୋଗ ନେବା ଲାଗି ସେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଧ୍ୟକ୍ଷତା କରି କହିଲେ, ଓଡ଼ିଶାର ପିଲାମାନେ କୌଣସି ଗୁଣରେ କମ୍ ନୁହନ୍ତି, ସେମାନେ ନିଜ ପ୍ରତିଭା ଓ ଦକ୍ଷତାର ପୂର୍ଣ୍ଣ ବିନିଯୋଗ କରି ଦେଶର ଗୌରବ ବଢ଼ାଇବାକୁ ଆଗେଇ ଆସିବା ଦରକାର। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

### ପୁଣି ଧାରଣାରେ ଠିକା ସଂସ୍ଥା କର୍ମଚାରୀ

**ପ୍ରତିଶ୍ରୁତି ପୂରଣ ହେଲାନି**

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରିସରରେ ଠିକାସଂସ୍ଥା କର୍ମଚାରୀମାନେ ପୁନର୍ବାର ଧାରଣାକୁ ଓହ୍ଲାଇଛନ୍ତି। ସଂସ୍ଥା ପକ୍ଷରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ଦରମା ଦିଆଯିବ ବୋଲି ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନ ହେବାରୁ ପୁଣି ମେଡିକାଲ ପରିସରସ୍ଥିତ ସହାୟତା କେନ୍ଦ୍ର ନିକଟରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ, ସୁଇପର ପ୍ରାୟ ୨ଶହ କର୍ମଚାରୀ ଗୁରୁବାର ରାତିରୁ ଧାରଣାରେ ବସିଛନ୍ତି। ତେବେ ଦରମା ନ ଆସିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଜାରି ରହିବ ବୋଲି ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ଶୁକ୍ରବାର ଏହାର ସିଧାସଳଖ ପ୍ରଭାବ ଡେ କେୟାର୍ କେମୋ, ମୁଖ୍ୟ ଆଉଟଡୋର୍, ରେଡିଏଶନ୍ ସେଣ୍ଟର୍, ଓଟି, ରକ୍ତ ନମୁନା ସଂଗ୍ରହ, ରକ୍ତ ରିପୋର୍ଟ ଦେବାରେ ସମସ୍ୟା ହେବ। ସୂଚନାଥାଉକି, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ କ୍ୟୁଏସ୍ ସଂସ୍ଥା ନାମକ ଘରୋଇ ସଂସ୍ଥା ମାଧ୍ୟମରେ ଠିକାରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ, ସୁଇପର କର୍ମଚାରୀ ନିଯୁକ୍ତି ପାଇଥାନ୍ତି। ମାସର ପ୍ରଥମ ସପ୍ତାହରେ କର୍ମଚାରୀଙ୍କୁ ଦରମା ଦିଆଯାଇଥାଏ। ହେଲେ ୧୭ ତାରିଖ ଯାଏ ଦରମା ନ ଆସିବାରୁ ସକାଳେ କର୍ମଚାରୀମାନେ ଧାରଣାକୁ ଓହ୍ଲାଇଥିଲେ। ପରେ ସଂସ୍ଥାର ମ୍ୟାନେଜର କର୍ମଚାରୀଙ୍କୁ ଦରମା ଗୁରୁବାର ସନ୍ଧ୍ୟା ସୁଦ୍ଧା ଦିଆଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟା ପରେ ସଂସ୍ଥା ମ୍ୟାନେଜରଙ୍କୁ ଆଟେଣ୍ଡାଣ୍ଟମାନେ ଯୋଗାଯୋଗ କରିବାକୁ ଉଦ୍ୟମ କରି ବିଫଳ ହେବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

